ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ମେ, ୨୦୨୧



## କୋଭିଡ୍ ନିୟମ ଉଲ୍ଲଂଘନ: ୨ଦୋକାନ ସିଲ୍

ବ୍ରଜରାଜନଗର,(ଡି.ଏନ.ଏ): ବ୍ରଜରାଜନଗର ସହରାଞ୍ଚଳ ମୁଖ୍ୟ ବଜାରରେ ଥିବା ରିୟବାନ କ୍ଲଥ ଷ୍ଟୋର ଓ ଗୋପବନ୍ଧୁ ଛକରେ ଥିବା ଗାୟତ୍ରୀ ରାଶନ ଦୋକାନକୁ ସୋମବାର ସିଲ୍ କରାଯାଇଛି। ଏହି ସମୟରେ ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ବିନୟ ପଟେଲ ଉପସ୍ଥିତ ଥିଲେ। ଉଭୟ ଦୋକାନ କୋଭିଡ୍ ନିୟମ ଉଲ୍ଲଂଘନ କରିଆସୁଥିଲେ। ଏମାନଙ୍କୁ ପୂର୍ବରୁ ସତର୍କ କରାଯାଇଥିଲେ ମଧ ନିୟମ ନ ମାନି ଦୋକାନ ଖୋଲୁଥିଲେ। ତେଣୁ ବାଧ ହୋଇ ପ୍ରଶାସନ ତରଫରୁ ଉଭୟ ଦୋକାନକୁ ୭ ଦିନ ପାଇଁ ସିଲ୍ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ପଟେଲ କହିଛନ୍ତି।

**ସଂକ୍ଷେପରେ**

## ଜିଲାପାଳଙ୍କୁ ଦାବିପତ୍ର ଦେଲା କଂଗ୍ରେସ

ଝାରସୁଗୁଡା ଅଫିସ୍, ୨୪।୫: ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ଉପରୁ ୨୦୨୦ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଲାଇସେନ୍ସ ଫି ଛାଡ କରିବାକୁ ନେଇଥିବା ନିଷ୍ପତ୍ତିକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ବିରୋଧ କରିଛି । ପିସିସିର ନିଷ୍ପତ୍ତି ଅନୁସାରେ ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପୃଥକ ଭାବେ ଜିଲାପାଳଙ୍କୁ ୩ଟି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଜିଲା ଯୁବ କଂଗ୍ରେସ, ଜିଲା ମହିଳା କଂଗ୍ରେସ କମିଟି ଓ ଭାରତୀୟ ଜାତୀୟ କଂଗ୍ରେସ ଛାତ୍ର ସଙ୍ଗଠନ ଜିଲା ଶାଖାର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସରକାର ତାଙ୍କ ନିଷ୍ପତ୍ତି ପ୍ରତ୍ୟାହର ନ କଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଜିଲା କଂଗ୍ରେସ କମିଟି ସଭାପତି ଭରତ ଅଗସ୍ତୀ, ଜିଲା ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଦୀପ୍ତା ପାତ୍ର, ଶାହାରୁଖ ଖାନ୍, ନିର୍ମଳ ସିଂହ, ପ୍ରକାଶ ସିଂଦେଓ, ସଞ୍ଜୀବ ଡିଲା, ସୁମନ୍ତ ଦାସ, ଆଦର୍ଶ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।

## ସିନେ ଅଭିନେତା ଅଟଳ ବିହାରୀ ପଣ୍ଡା ଅସୁସ୍ଥ



ସମ୍ବଲପୁର,୨୪।୫(ବ୍ୟୁରୋ): ପଶ୍ଚିମ ଓଡିଶାର ବରିଷ୍ଠ କଳାକାର ତଥା ସିନେ ଅଭିନେତା ଡ. ଅଟଳ ବିହାରୀ ପଣ୍ଡା ଅସୁସ୍ଥ ହୋଇ ବୁର୍ଲା ଭିମସାରରେ ଭର୍ତ୍ତି ହୋଇଛନ୍ତି। ସେ ଭିମସାର ମେଡିକାଲ ମେଡିସିନ ବିଭାଗରେ ରହି ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ସୋମବାର ପଦ୍ମଶ୍ରୀ ଡ.ଜିତେନ୍ଦ୍ର ହରିପାଲ, ସାମାଜିକ କର୍ମୀ ନିହାଲ ସିଂହ, ଅଶ୍ୱିନୀ ମେହେର ମେଡିକାଲ ଯାଇ ଅଟଳଙ୍କୁ ସାକ୍ଷାତ କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଅବସରରେ ସେମାନେ ମେଡିସିନ ବିଭାଗ ମୁଖ୍ୟ ଡା. ବି.ପ୍ରଧାନଙ୍କୁ ଭେଟି ଚିକିତ୍ସା କିପରି ଚାଲିଛି ସେ ନେଇ ଆଲୋଚନା କରିଥିଲେ ।

## କରୋନା ଯାଞ୍ଚ ଅଭିଯାନ

ସମ୍ବଲପୁର,୨୪।୫ (ବ୍ୟୁରୋ): ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବସ୍ତିରେ କୋରୋନା ଯାଞ୍ଚ ଅଭିଯାନ ସୋମବାର ଠାରୁ ଆରମ୍ଭ ହୋଇଛି । ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ଯାଇ ପ୍ରତି ପରିବାରର ସଦସ୍ୟଙ୍କ ପରୀକ୍ଷା କରିବେ । ଜ୍ୱର ପରୀକ୍ଷା କରିବା ସହ କୋଭିଡ ଆକ୍ରାନ୍ତଙ୍କୁ ଚିହ୍ନଟ କରିବେ । ଘରେ ରହୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯିବା ସହ ସେମାନଙ୍କୁ ଔଷଧ ଦିଆଯିବ । ଯଦି ଆବଶ୍ୟକ ହୁଏ, ତେବେ ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ସ୍ଥାନାନ୍ତର କରାଯିବ । ସଠିକ ସମୟରେ କୋଭିଡ ଟିକାର ଦ୍ୱିତୀୟ ମାତ୍ରା ନେବାରେ ଲୋକଙ୍କୁ ସହାୟତା କରାଯିବ । ଏହାଛଡା ଏହି ଅଭିଯାନରେ କୋଭିଡ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ନିୟମ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ । ଏହି ଅଭିଯାନରେ ଡାଇବେଟିସ, ରକ୍ତଚାପ, କ୍ୟାନସର, ତରଳ ଝାଡା, ଯକ୍ଷ୍ମା, ମ୍ୟାଲେରିଆ ଓ ଶିଶୁ ଏବଂ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯାଞ୍ଚ କରିବା ପାଇଁ ଆଶା ଓ ଅଙ୍ଗନୱାଡି କର୍ମୀ ନିୟୋଜିତ ହୋଇଛନ୍ତି। ଜିଲାପାଳ ଶୁଭମ୍ ସାକ୍ସେନା ଜିଲାର ବିଭିନ୍ନ ସ୍ଥାନକୁ ପରିଦର୍ଶନରେ ଯାଇ ସର୍ଭେ କାର୍ଯ୍ୟର ସମୀକ୍ଷା କରିଥିଲେ ।

## ଟ୍ରକ୍ ସ୍କୁଟି ଧକ୍କାରେ ଜଣେ ମୃତ

ଲହୁଣୀପଡ଼ା,୨୪।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟେନସା ବରସୁଆଁ ୧୬ନମ୍ବର ଘାଟିରେ ସୋମବାର ସ୍କୁଟି ଓ ଟ୍ରକ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ରାଉରକେଲା ଲାଲଟାଙ୍କି ଅଞ୍ଚଳର ରାଜୀବ ପଣ୍ଡା(୪୪)ଓଡି୧୪ଆର-୨୭୩୫ ସ୍କୁଟି ଯୋଗେ ଯାଉଥିବା ବେଳେ ଟେନସା ୧୬ନମ୍ବର ଘାଟିରେ ଏକ ବାରଚକିଆ ଟ୍ରକ ଓଡି-୧୪ୟୁ-୪୨୪୩କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଆରୋହି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା। ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛି।

# ଲ୍ୟାମ୍ପ୍ସରେ ଜାଲିଆତି ଧରାପଡ଼ିଲା

ବଡ଼ଗାଁ,୨୪।୫(ଡି.ଏନ୍.ଏ.)

**ଲ୍ୟାମ୍ପ୍ସ କର୍ମଚାରୀ ଅଭାବୀ ଧାନ ବିକ୍ରି ସୃଷ୍ଟି କରିଥିଲେ**

ସରକାର କୃଷକମାନଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ଧାନ କିଣିବା ପାଇଁ ବ୍ୟବସ୍ଥା କରି ପର୍ଯ୍ୟାୟକ୍ରମେ ଟାର୍ଗେଟ ଦେଉଥିଲେ ମଧ ସମବାୟ ସମିତି(ଲ୍ୟାମ୍ପ୍ସ)ର କର୍ମଚାରୀମାନେ ଜାଲିଆତି କରି ଅର୍ଥ ଉପାର୍ଜନ ପାଇଁ ଦଲାଲଙ୍କ ଧାନ ବିକ୍ରି କରି କୃଷକଙ୍କୁ ସରକାରଙ୍କ ଠାରୁ ଟାର୍ଗେଟ ଆସିନାହିଁ କିମ୍ବା କମ ଆସିଛି କହି ଅଭାବି ବିକ୍ରି ସୃଷ୍ଟିକରି ସରକାରଙ୍କୁ ବଦନାମରେ ପକାଇଛନ୍ତି। ଏଭଳି ଏକ ଘଟଣାରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଲ୍ୟାମ୍ପ୍ସର କର୍ମଚାରୀ ଜାଲିଆତି କାଗଜପତ୍ର ପ୍ରସ୍ତୁତ କରି ଅଭାବୀ ବିକ୍ରି ଗତବର୍ଷ ଖରିଫ ଧାନ କିଣାରେ କରିଥିବାର ଜ୍ୱଳନ୍ତ ପ୍ରମାଣ ମିଳିବା ପରେ କର୍ମଚାରୀଙ୍କ କୃଷକ ବିରୋଧୀ କାର୍ଯ୍ୟର ଗୁମର ଫିଟିଛି। ଘଟଣା ହେଲା, ଗତବର୍ଷ ବାଉଁସେନ ଗ୍ରାମର ବୃଦ୍ଧା ଆଶାମତୀ କାଲୋଙ୍କ ନାଁରେ ଥିବା ୧୦ ଏକର ଜମିପଟ୍ଟାର ଖାତା ନଂ.୨୫କୁ ବୁଦୁନା ଗ୍ରାମର ଦେବେନ୍ଦ୍ର ମାଝିଙ୍କ ନାମରେ ଧାନ ବିକ୍ରି ପାଇଁ ଲ୍ୟାମ୍ପ୍ସ କର୍ମଚାରୀ ଜାଲିଆତି କରି ରେଜିଷ୍ଟ୍ରେସନ କରାଇଥିଲେ। ପ୍ରସ୍ତୁତ ଜାଲିଆତି କାଗଜପତ୍ରରେ ଦେବେନ୍ଦ୍ରଙ୍କୁ ପୁତୁରା ଦର୍ଶାଇଥିଲେ। ଗତବର୍ଷ କମ ପରିମାଣର ଧାନ ବିକ୍ରି ପାଇଁ ରିପୋର୍ଟ ପାଇବା ପରେ ବୃଦ୍ଧାଙ୍କ ପୁତୁରା ତ୍ରିଲୋଚନ କାଲୋ ମୋବାଇଲରେ ସର୍ଚ୍ଚ କରିବାରୁ ଦେବେନ୍ଦ୍ରଙ୍କ ନାମରେ ବୃଦ୍ଧାଙ୍କ ଖାତା ନଂ.୨୫ରେ ଥିବା ୧୦ଏକର ଜମିର ଧାନବିକ୍ରି ପାଇଁ ରେଜିଷ୍ଟ୍ରେସନ ହୋଇଥିବା ଜାଣିବା ପରେ ଲ୍ୟାମ୍ପ୍ସରେ ରେଜିଷ୍ଟ୍ରେସନ ଦାୟିତ୍ୱରେ ଥିବା ପ୍ରଦ୍ୟୁମ୍ନ ବିଶିଙ୍କୁ ପଚାରି ବୁଝିଥିଲେ। ସେ ପ୍ରଥମେ ମାନି ନ ଥିଲେ ମଧ ସ୍ପଷ୍ଟ ପ୍ରମାଣ ଦେଖାଇବାରୁ ଭୁଲ ହୋଇଯାଇଥିବା ସ୍ୱୀକାର କରି ସମାଧାନ କରାଇଦିଅ କହିବା ସହିତ ତ୍ରିଲୋଚନଙ୍କୁ ତମର ସବୁ ଧାନ କିଣାଯିବ କହିଥିଲେ। ତେବେ ବୃଦ୍ଧାଙ୍କ ସହିତ ଦେବେନ୍ଦ୍ରଙ୍କ କୌଣସି ପାରିବାରିକ ସମ୍ପର୍କ ନ ଥିଲା ବେଳେ ଉଭୟେ ଭିନ୍ନ ଜାତିର ହୋଇଥିବାରୁ ଲ୍ୟାମ୍ପ୍ସ କର୍ମଚାରୀ ବିଶି ଦେବେନ୍ଦ୍ରଙ୍କୁ ବୃଦ୍ଧଙ୍କ ପୁତୁରା କିପରି ଦର୍ଶାଇଲେ ଓ ବୃଦ୍ଧାଙ୍କ ନାଁରେ ଥିବା ଜମିକୁ କାହାର ଅନୁମତିରେ ରେଜିଷ୍ଟ୍ରେସନ କଲେ ପ୍ରଶ୍ନ ଉଠୁଛି। ଏହି ଘଟଣା ଉପରେ ଦେବେନ୍ଦ୍ରଙ୍କୁ ପଚାରିବାରେ ଲ୍ୟାମ୍ପ୍ସ କର୍ମଚାରୀ ବିଶିଙ୍କ ଭାଇ ମୋ ଦ୍ୱାରା ଏପରି କରାଇଛନ୍ତି। ମୁଁ ଆଶାମତୀଙ୍କ ପୁତୁରା ନୁହେଁ କିମ୍ବା ତାଙ୍କ ଠାରୁ ଭାଗଚାଷ ପାଇଁ ଜମି ନେଇନଥିଲି। ମୋତେ ତାଙ୍କ ଘରକୁ ଡାକି ଆଖିରେ ସ୍କାନର ପକାଇଥିଲେ ଓ ମୋ ଜମାଖାତାରେ ଆସିଥିବା ଅଢ଼େଇ ଲକ୍ଷ ଉଠାଇବାକୁ କହିଥିଲେ। ତ୍ରିଲୋଚନ କାଲୋଙ୍କ ଠାରୁ ପ୍ରକାଶ ମୁଁ ଆମ ଜମିକୁ ଦେବେନ୍ଦ୍ରଙ୍କ ନାଁରେ ରେଜିଷ୍ଟ୍ରେସନ ହୋଇଥିବା ଜାଣିବା ପରେ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଯାଇ ଲ୍ୟାମ୍ପ୍ସ କର୍ମଚାରୀ ବିଶିଙ୍କ ପ୍ରମାଣ ସହିତ ଜଣାଇବାରୁ ସେ ଭୁଲ ହୋଇଥିବା ସ୍ୱୀକାର କରିଥିଲେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଖରିଫ ଧାନ କିଣିବା ପାଇଁ ଟାର୍ଗେଟ ଆସିନି କହି କିଣିବାରେ ବିଳମ୍ବ କରିବାରୁ ଶତାଧିକ ଚାଷି କିଲୋପ୍ରତି ୧୩ଟଙ୍କାରେ ବିକ୍ରି ପାଇଁ ବାଧ ହୋଇଥିଲେ। ଗୋଟିଏ ପଟେ ଜୟ କିସାନ ନାରା ଅନ୍ୟପଟେ କିସାନଙ୍କୁ ଶୋଷଣ ଦୁର୍ଭାଗ୍ୟଜନକ। ଏହାଉପରେ ଲ୍ୟାମ୍ପ୍ସ ଏମ.ଡି ଭୋଳାନାଥ ପଟେଲଙ୍କୁ ପଚାରିବାରେ ବଚାରିବୁଝି ପଦକ୍ଷେପ ନେବେ ବୋଲି କହିଛନ୍ତି। ଲ୍ୟାମ୍ପ୍ସ କର୍ମଚାରୀ ପ୍ରଦ୍ୟୁମ୍ନ ବିଶିଙ୍କୁ ପଚାରିବାରେ ଭୁଲ ହୋଇଥିବା କହିଛନ୍ତି।

## ଗ୍ରାମବାସୀ ଓ ପୋଲିସ ଧସ୍ତାଧସ୍ତି



ବସନ୍ତପୁର ଗ୍ରାମରେ ଗ୍ରାମବାସୀ ଓ ପୋଲିସ ।

ସମ୍ବଲପୁର,୨୪।୫(ବ୍ୟୁରୋ)

**ଜମି ଅଧିଗ୍ରହଣକୁ ବିରୋଧ**

ଜମି ଅଧିଗ୍ରହଣକୁ ବିରୋଧ କରି ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ବସନ୍ତପୁର ଗ୍ରାମରେ ସୋମବାର ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଯାଇଛି। ଏହି ଘଟଣାରେ ପୋଲିସ ଧନକଉଡା ବ୍ଲକ ଉପାଧ୍ୟକ୍ଷ ସୁଷମା ସାହୁଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ପରେ ଛାଡି ଦେଇଥିବା ଜଣାପଡିଛି । ପ୍ରକାଶ ଯେ, ସକାଳେ ବସନ୍ତପୁର ଗ୍ରାମରେ ଇଡକୋ ପକ୍ଷରୁ ସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଜମି ଅଧିଗ୍ରହଣକୁ ବସନ୍ତପୁର ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହିତ ଏହି ସ୍ଥାନରେ କୌଣସି ପ୍ରକାର କାର୍ଯ୍ୟ କରାଇ ଦେବେ ନାହିଁ ବୋଲି କହିଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଓ ପ୍ରଶାସନର ଅଧିକାରୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ପରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସି ହୋଇଥିଲା।

# ଝାରସୁଗୁଡ଼ା ଜିଲାର କରୋନା ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଝାରସୁଗୁଡା ଅଫିସ୍, ୨୪।୫

ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ବଢି ଚାଲିଛି। ପ୍ରତିଦିନ ୩ରୁ ୪ଶହ ପଜିଟିଭ ସଂଖ୍ୟା ରହୁଛି। ବହୁ ଆକ୍ରାନ୍ତ ମୃତ୍ୟୁବରଣ କରୁଛନ୍ତି। ଜିଲାରେ କରୋନା ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଭର୍ଚୁଆଲ୍ ମିଟିଙ୍ଗ ମାଧ୍ୟମରେ ଜିଲାର କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାରେ କରୋନା ସଂକ୍ରମିତ ଯେମିତି ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ ତାହା ଉପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ କୋଭିଡ୍ ହସ୍ପିଟାଲରେ ନୂତନ ଭାବେ ୨୦ଟି ଭେଣ୍ଟିଲେଟର ସଂଯୋଗ ସହ ସମସ୍ତ ଶଯ୍ୟା ନିକଟରେ ଅକ୍ସିଜେନ୍ ବ୍ୟବସ୍ଥା ନିଶ୍ଚିତ କରିବା, ବନ୍ଧବାହାଲ ସ୍ଥିତ ଏମ୍‌ସିଏଲ୍ କୋଭିଡ୍ ହସ୍ପିଟାଲ ଜୁନ୍ ୧୫ ମଧ୍ୟରେ କାର୍ଯ୍ୟକ୍ଷମ ପାଇଁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ। ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ଏକ ଆର୍‌ଟିପିସିଆର୍ ମେଶିନ୍ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ଔଷଧ ନିଗମକୁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଥିଲେ। ଏହା ସହିତ ଝାରସୁଗୁଡାର ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍‌ରେ ଟିକାକରଣ ସାଙ୍ଗକୁ ଆର୍‌ଟିପିଆର୍ ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିପରି ଜିଲାରେ ଡାକ୍ତର, ନର୍ସ ଓ ପାରାମେଡିକାଲ୍ କର୍ମଚାରୀ ଅଭାବ ପରିଲକ୍ଷିତ ହେଲେ ଜିଲାପାଳ ଜିଲା ଡିଏମ୍‌ଏଫ୍, ସିଏସ୍‌ଆର୍ ପାଣ୍ଠିରୁ ଅର୍ଥବ୍ୟୟକରି ଏହିସବୁ ପଦବୀ ପୂରଣ କରିପାରିବେ ବୋଲି ମିଟିଙ୍ଗରେ ନିଷ୍ପତ୍ତି ହୋଇଛି। ଏହି ମିଟିଙ୍ଗରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଜିଲାପାଳ ସରୋଜ କୁମାର ସାମଲ, ସିଡିଏମ୍‌ଓ ଡା. ଲାଲ ମୋହନ ରାଉତରାୟ, ସମ୍ ହସ୍ପିଟାଲ୍ ଅଧୀକ୍ଷକ ଡା. ସାମନ୍ତ ସିଂହାର, ଡା. ଶଶାଙ୍କ ଦାସ, ଏମ୍‌ସିଏଲ୍ ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, କୋଭିଡ୍ ହସ୍ପିଟାଲ ନୋଡାଲ ଅଫିସର ଡା. ହୃଷିକେଶ ନାୟକ ଓ ବେଦାନ୍ତ କର୍ତ୍ତୃପକ୍ଷ ସାମିଲ ହୋଇଥିଲେ।

# ଜିଲା କଂଗ୍ରେସ କମିଟିର ଧାରଣା

ସୁନ୍ଦରଗଡ,୨୪।୫(ଡି.ଏନ୍.ଏ.)




କଂଗ୍ରେସ କର୍ମକର୍ତ୍ତାମାନେ ଧାରଣା ଦେବାକୁ ଯାଉଛନ୍ତି।

**ମଦ ବ୍ୟବସାୟୀଙ୍କ ଲାଇସେନ୍ସ ଫି ଛାଡ଼ର ପ୍ରତିବାଦ**

ବର୍ତ୍ତମାନ କରୋନା ମହାମାରୀର ବିଭିଷିକା ମଧ୍ୟରେ ନିତ୍ୟ ବ୍ୟବହାର ସାମଗ୍ରୀର ଅହେତୁକ ଦର ବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଏଭଳି ଦୁର୍ଦ୍ଦିନ ସମୟରେ ରାଜ୍ୟ ସରକାର ମଦ ବ୍ୟବସାୟୀମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ଗତ ଜୁନରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଲାଇସେନ୍ସ ଫି ଛାଡ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ସୋମବାର ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ କୋଭିଡ ନିୟମ ପାଳନ କରି ଧାରଣା ଦିଆଯାଇଥିଲା। ଏହା ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଧାରଣାରେ କାଳୀପଦ ସାମଲ, ପର୍ଶୁରାମ ସରାଫ, ଅଜିତ ପ୍ରସାଦ, ରାଜଗାଙ୍ଗପୁର ବିଧାୟକ ଡା. ରାଜେନ ଏକ୍କା, ଏଆଇଟିୟୁସି ଜିଲା ସଭାପତି ଇକବାଲ ମଲ୍ଲିକ, ରାଜ୍ୟ ସେବାଦଳ ସମ୍ପାଦକ ମୁନୁ ସରାଫ, ଜିଲା ଓବିସି ସେଲ ସଭାପତି ଅରୁଣ ସାମଲ, ନିର୍ମଳ ନାଏକ, ନରେନ୍ଦ୍ର ସିଂ, ଟାଉନ ସଭାପତି ନେପାଳ ସାହୁ, ସତ୍ୟଜିତ ପଣ୍ଡା, ବିଶ୍ୱଜୀତ ପଟ୍ଟନାୟକ, ଦେବାଶିଷ ଦାସ, ଶୁଭାଶିଷ ବାନାର୍ଜୀ, ଶରତ ପୁରୋହିତ, ସତ୍ୟନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ରାଜ୍ୟ ସରକାର ଛୋଟ ବ୍ୟବସାୟୀ, ଦୋକାନୀ, ପରିବହନ କରୁଥିବା ଯାନବାହନ ଗୁଡିକରୁ ଟ୍ୟାକ୍ସ ଛାଡ ନ କରିବା ଓ ପେଟ୍ରୋଲ, ଡିଜେଲରୁ ଭାଟ ନ କମାଇ ମଦ ବ୍ୟବସାୟୀଙ୍କ ପ୍ରତି ଏଭଳି ଅନୁକମ୍ପା ପ୍ରଦର୍ଶନକୁ ବିରୋଧ କରିଥିଲେ। ଏହି ନିଷ୍ପତ୍ତିକୁ ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି।

## ଦେବଗଡ଼ ଜିଲା କଂଗ୍ରେସ କମିଟିର ଧାରଣା

ଦେବଗଡ,୨୪।୫(ଡି.ଏନ.ଏ)

ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ ସୋମବାର ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟିକିଆ ଧାରଣା ଦିଆଯିବା ସହ ନିଷ୍ପତି ପ୍ରତ୍ୟାହାର ଦାବିରେ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରଯାଇଥିଲା। ୧୦ଟାରେ ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିନୋଦ ବିହାରୀ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ତୀର୍ଥବାସୀ ସାହୁ, ଏସ୍‌ଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ନଗର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ନଗର ସଭାପତି ସୁବାସ ଚନ୍ଦ୍ର ଭୋଇ, ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, କ୍ଷିତିଶ କୁମାର ପ୍ରଧାନ, ଦୀପକ କୁମାର ଦାସ, ସବିତା ନାୟକ, ଶମ୍ଭୁଲାଲ ପ୍ରଧାନ, ରାକେଶ କୁମାର ବେହେରା, ରଞ୍ଜନ କୁମାର ସାହୁ, ସଞ୍ଜୟ କୁମାର ଦେବଙ୍କ ସମେତର ବହୁ କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକଘଣ୍ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ଏହି ଅବସରରେ ସେମାନେ ମଦ ବ୍ୟବସାୟୀଙ୍କଠାରୁ ଲାଇସେନ୍ସ ଫିସ୍ ଛାଡ ନିଷ୍ପତିର ପ୍ରତିବାଦ କରିବା ସହ ତୁରନ୍ତ ଏହି ନିଷ୍ପତିର ପ୍ରତ୍ୟାହାର ନିମନ୍ତେ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ସେମାନେ ରାଜ୍ୟ ସରକାରଙ୍କ ଏତାଦୃଶ ନିଷ୍ପତି ଦୁର୍ଭାଗ୍ୟଜନକ ବୋଲି ଉଲ୍ଲେଖ କରିବା ସହ ରାଜ୍ୟରେ ବହୁ କ୍ଷୁଦ୍ର ସ୍ୱଳ୍ପ ଏବଂ ନିମ୍ନ ଆୟକାରୀ ବ୍ୟବସାୟୀମାନେ ଲାଇସେନ୍ସ କରି ବ୍ୟବସାୟ କରୁଥିବାବେଳେ ସେମାନଙ୍କର ଲାଇସେନ୍ସ ଫିସ୍ ଛାଡ ନ କରି ମଦ ବ୍ୟବସାୟୀଙ୍କର ଲାଇସେନ୍ସ ଫିସ ଛାଡ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇଥିବା ଜଣାପଡିଛି।

## ଡକାୟତି ଯୋଜନା ପଣ୍ଡ: ୫ ଗିରଫ



ପୋଲିସ ଓ ଗିରଫ ୫ ଅଭିଯୁକ୍ତ ।

ରାଜଗାଙ୍ଗପୁର, ୨୪।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ପଣ୍ଡ କରିଛି। ଏହି ଡକାୟତ ଦଳର ୫ ଜଣଙ୍କୁ ପୋଲିସ ଗିରଫ କରିଛି। ଡକାୟତି କରିବା ପାଇଁ ସେମାନେ ଏକଜୁଟ ହୋଇ ରାଜଗାଙ୍ଗପୁର ୧୦ନଂ. ରାଜ୍ୟରାଜପଥର ବାଇପାଶର ଏକ ଢାବା ପଛ ପଟେ ଯୋଜନା କରୁଥିଲେ। ରାଜଗାଙ୍ଗପୁର ଥାନାଧିକାରୀ ବିଭିସ ପ୍ରଧାନ କୌଣସି ସୂତ୍ରରୁ ଖବରପାଇ ସଦଳବଳ ଅତର୍କିତ ଚଢାଉ କରିଥିଲେ। ୫ଜଣଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ଗୋଟିଏ ମୋବାଇଲ, ମନିପର୍ସ, ୨ଟି ଲୁହାର ଭୁଜାଲି, ଗୋଟିଏ ଖେଳନା ବନ୍ଧୁକ, ଦୁଇଟି ଲୁହାଛଡ ଜବତ କରିଥିଲେ। ରାଜଗାଙ୍ଗପୁର ଥାନାରେ ଏନେଇ ଏକ ମାମଲା (ନଂ. ୧୫୩।୨୧) ରୁଜୁ ହୋଇଛି। ଏହି ଚଢାଉରେ ଏସ୍‌ଆଇ ଖଗେଶ୍ୱର ବିଶ୍ୱାଳ, ଏସ୍‌ଆଇ ମୁକୁନ୍ଦମୁରାରି ପାତ୍ରଙ୍କ ସହ ଅନ୍ୟମାନେ ରହିଥିଲେ।

## ସମଲେଶ୍ୱରୀ ମନ୍ଦିର ଦୀପଘରେ ଅଗ୍ନିକାଣ୍ଡ

ସମ୍ବଲପୁର,୨୪।୫(ବ୍ୟୁରୋ)

ସମ୍ବଲପୁର ଜିଲାର ପ୍ରସିଦ୍ଧ ସମଲେଶ୍ୱରୀ ମନ୍ଦିର ଦୀପ ଘରେ ରବିବାର ରାତି ପ୍ରାୟ ୨ଟା ବେଳେ ଅଗ୍ନିକାଣ୍ଡ ଘଟିଛି। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଜଣାଯାଇଛି। ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇନାହିଁ। କେତୋଟି ଟେବୁଲ, କପଡା ଓ କିଛି ଦୀପ ଜଳିଥିବା ସୂଚନା ମିଳିଛି। ନିଆଁଲିଭାଳିଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Comprehensive Maintenance Contract of Split Type Air Conditioners AIIMS Bhubaneswar". Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar

# ଯୁବତୀଙ୍କୁ ଗର୍ଭବତୀ କରିବା ପରେ ଘରକୁ ନେଇ ନିର୍ଯାତନା

ଦେବଗଡ଼,୨୪।୫(ଡି.ଏନ.ଏ)

- ହତ୍ୟା ଉଦ୍ୟମ ଅଭିଯୋଗ
- ଥାନାରେ ମାମଲା ରୁଜୁ

ଦେବଗଡ଼ ଜିଲାର ଜଣେ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ସୁନ୍ଦରଗଡ଼ ଜିଲାର ଜଣେ ଯୁବକ ଘରକୁ ନେଇ ନିର୍ଯାତନା ଦେବା, ଘରୁ ତଡିଦେଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କ ମୁହଁରେ ତକିଆ ଜାକି ହତ୍ୟା ଉଦ୍ୟମ କରିଥିବା ମଧ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ଯୁବକ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଶିହିଡିଆ ଗ୍ରାମର ଦୁଖିଆ ପାତ୍ରଙ୍କ ପୁଅ ଲିଙ୍ଗରାଜ ଗତ ୨୦୧୭ ଏପ୍ରିଲ ୫ ତାରିଖ ଅପରାହ୍ନରେ ଦେବଗଡ ଥାନା ଅନ୍ତର୍ଗତ ବଣିଅଁକିଲିଣ୍ଡା ଗ୍ରାମର ଜଣେ ଯୁବତୀଙ୍କୁ ଡକାଇ ତାଙ୍କର ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିବା ସହ ପରବର୍ତ୍ତୀ ସମୟରେ ମଧ ନିୟମିତ ଭାବେ ତାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ତାଙ୍କୁ ବିବାହ କରିବା ନିମନ୍ତେ କୋର୍ଟରେ ଆବେଦନ କରିଥିଲେ ମଧ ଲିଙ୍ଗରାଜ କୋର୍ଟକୁ ଆସି ନ ଥିଲେ। ଯୁବତୀ ଜଣକ ୩ ମାସର ଗର୍ଭବତୀ ହେବାରୁ ଲିଙ୍ଗରାଜ ଗତ ୭ ତାରିଖ ଅପରାହ୍ନରେ ତାଙ୍କୁ ନିଜ ଘରକୁ ନେଇଯାଇଥିଲେ। ସେଠାରେ ୪/୫ ଦିନ ଭଲରେ ରଖିବା ପରେ ଲିଙ୍ଗରାଜ ନିର୍ଯାତନା ଆରମ୍ଭ କରିବା ସହ ଯୁବତୀଙ୍କୁ ନାନା ଆକ୍ଷେପ କରିବା ସହ ଗର୍ଭପାତ କରାଇବାକୁ କହିଥିଲେ। ଏପରିକି ଗର୍ଭପାତ ନ କଲେ ତାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏହି କ୍ରମରେ ଯୁବତୀଙ୍କ ମୁହଁରେ ତକିଆ ଜାକି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଯୁବତୀଙ୍କୁ ଜବରଦସ୍ତି ଔଷଧ ଖୁଆଇ ଗର୍ଭ ନଷ୍ଟ କରିବା ସହ ତାଙ୍କୁ ଘରୁ ମଧ ତଡିଦେଇଥିବା ଯୁବତୀ ଜଣକ ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏଣେ ସେ ବାପଘରକୁ ଆସିବାରୁ ବାପଘର ଲୋକେ ମଧ ତାଙ୍କୁ ଘରେ ପୁରାଇ ଦେଉ ନ ଥିବାରୁ ସେ ଏଣେତେଣେ ରହିବାକୁ ପଡୁଥିବାରୁ ଯୁବତୀ ଜଣକ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ପୂର୍ବ ତଟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON-BBS-T-331E, ତା.19.05.2021ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ ସୋନପୁର ଠାରୁ ବୌଦ୍ଧ ରେଳ ଷ୍ଟେସନ ମଧ୍ୟରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ (33KV/11KV/LT) ଗୁଡ଼ିକର ରୂପାନ୍ତରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 567.58 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.06.2021 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଚାର୍ଟର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-15/CE/21-22

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲି଼ଃ.
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ
(ଘୋଷଣା)
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଟ୍ଟାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁନ୍ଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଦା, ମିଞ୍ଚାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଇ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।
ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୫ ମେ, ୨୦୨୧



## ୩ ଦୋକାନକୁ ସିଲ୍ କଲା ପ୍ରଶାସନ

**ନୂଆପଡ଼ା ଅଫିସ:** ନୂଆପଡା ଜିଲାରେ କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରି ୩ଟି ଦୋକାନ ସିଲ କରି ଜରିମାନା ଆଦାୟ କରାଯାଇଛି। ସଦର ନୂଆପଡାର ୨ଟି ଦୋକାନରେ ଚଢାଉ କରି ସିଲ କରି ୬୫୦୦ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ବୋଡେନ ବ୍ଲକ ବୋଡେନର ଗୋଟିଏ ଦୋକାନ କୋଭିଡ୍ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲି ଭିଡ କରିଥିବା ଯୋଗୁ ଦୋକାନରେ ଚଢାଉ କରି ୭ ଦିନ ପାଇଁ ସିଲ କରାଯାଇଛି। ଚଢାଉ ବେଳେ ପୋଲିସ କର୍ମଚାରୀ ଓ ଜିଲା ପ୍ରଶାସନ ଉପସ୍ଥିତ ଥିଲେ ବୋଲି ଡିଏସଓ ଅଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଚାଷୀଙ୍କ ଅସନ୍ତୋଷ

**ଭବାନୀପାଟଣା,୨୪।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲାରେ ରବି ଋତୁ ପାଇଁ ଧାନ କିଣା ଆରମ୍ଭ ହୋଇଥିବା ବେଳେ ରାଜ୍ୟ ଯୋଗାଣ ନିଗମ ଆଟ, ମାଳ ଜମି କହି ପଞ୍ଜୀକରଣରୁ ବାଦ ଦେଇଥିବା ପ୍ରାୟ ୧୪ ହଜାର ଚାଷୀଙ୍କୁ ଧାନ କିଣାରେ ସାମିଲ ନ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଦୁଇ ଦୁଇ ଥର ରିପୋର୍ଟ ଦାଖଲ ହୋଇଛି। ଯୋଗାଣ ନିଗମ ଏମାନଙ୍କ ଜମିକୁ ଏ ଯାଏଁ ସାମିଲ କରି ନାହିଁ। ଜିଲାପାଳଙ୍କ ତତ୍ତ୍ୱାବଧାନରେ ଏହି ଚିଠି ଯାଇଥିଲେ ମଧ ତାକୁ ପକେଇ ରଖିବା ପ୍ରଶାସନିକ ଅବ୍ୟବସ୍ଥାକୁ ସ୍ପଷ୍ଟ କରିଛି। ପାଣିପାଗ ବିଭାଗ ଶୀଘ୍ର ମୌସୁମିର ଆକଳନ ଚାଷୀଙ୍କୁ ଧାନ ବିକ୍ରି ନେଇ ଚିନ୍ତାରେ ପକେଇ ଦେଇଛି। ପ୍ରକାଶ ଯେ, ଜିଲାରେ ରବି ଧାନ ପାଇଁ ୨୭ ହଜାର ୪୩୪ ଚାଷୀ ପଞ୍ଜୀକରଣ କରିଛନ୍ତି। ଏଥିପାଇଁ ଜିଲାରେ ୬୨ ସମବାୟ ସମିତି ଓ ୩୦ ଡବ୍ଲୁଏସଏଚ୍‌ଜି ଗ୍ରୁପ ମାଧମରେ ୧୨୮ ସେଣ୍ଟରରେ ଧାନ କିଣା ହେବ ବୋଲି ସ୍ଥିର ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୧୬ ଲକ୍ଷ କୁଇଣ୍ଟାଲ ଧାନ କିଣା ପାଇଁ ଟାର୍ଗେଟ ଆସିଛି। କିନ୍ତୁ ଯେଉଁମାନଙ୍କ ପଞ୍ଜୀକରଣ ଏବେ ସୁଦ୍ଧା ବାକି ରହିଛି ସେମାନେ ତାଙ୍କର ଧାନ କିପରି ବିକ୍ରି କରିବେ ବୋଲି ଦ୍ୱନ୍ଦରେ ପଡିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କୁ ପଚାରିବାରୁ ଦୁଇ ଥର ରିପୋର୍ଟ ଯାଇଛି। ଉପରେ ନିଷ୍ପତ୍ତି ହେବ ବୋଲି କହିଛନ୍ତି।

### ଖବରଦାତାଙ୍କୁ ପୋଲିସ ଆକ୍ରମଣ, ରାଜ୍ୟପାଳଙ୍କୁ ଦାବିପତ୍ର

**ଅମରପାଲି,୨୪।୫(ଡି.ଏନ.ଏ.):** ପୁରୀରେ ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣର ପ୍ରତିବାଦ କରିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ସିୟା ସମାଜସେବା ସଂଗଠନ। ସଂଗଠନ ତରଫରୁ ଜିଲାପାଳଙ୍କ ମାଧମରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଣେ କାର୍ଯ୍ୟରତ ଗଣମାଧମ ପ୍ରତିନିଧିଙ୍କୁ ଖବର ପରିବେଷଣ ବେଳେ ପୋଲିସ ଆକ୍ରମଣ ନିନ୍ଦନୀୟ ବୋଲି କୁହାଯାଇଛି। ସରକାର ସାମ୍ବାଦିକଙ୍କୁ ସମ୍ମୁଖ କରୋନା ଯୋଦ୍ଧ ଘୋଷଣା କରିଥିବା ବେଳେ ଏହି ସମୟରେ ସେମାନଙ୍କୁ ପୋଲିସର ଆକ୍ରମଣ ଉପହାସ ସଦୃଶ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

### ଖବରଦାତାଙ୍କୁ ପୋଲିସ ଆକ୍ରମଣର ନିନ୍ଦା କଲା ସାମ୍ବାଦିକ ସଂଘ

**କଣ୍ଟାବାଞ୍ଜି,୨୪।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ପୁରୀର ଧରିତ୍ରୀ ଜିଲା ଖବରଦାତାଙ୍କୁ ପୋଲିସର ଆକ୍ରମଣକୁ ଦୃଢ଼ଭାବେ ନିନ୍ଦା କରିଛି। ଆକ୍ରମଣକାରୀ ପୋଲିସ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ସଂଘ ଦାବି କରିଛି। ଏଥିସହ ଆଗାମୀ ଦିନରେ ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସରକାର ପଦକ୍ଷେପ ନେବା ଉଚିତ ବୋଲି ସଂଘର ସଦସ୍ୟମାନେ ମତ ଦେଇଛନ୍ତି। ସ୍ଥାନୀୟ ସାମ୍ବାଦିକ ଭବନରେ ସୋମବାର ଅନୁଷ୍ଠିତ ବୈଠକରେ ସଂଘ ସଭାପତି ସୁବାସ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ବୈଠକରେ ପୋଲିସ ଆକ୍ରମଣକୁ ନିନ୍ଦା କରି ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ବୈଠକରେ ସଂଘ ସମ୍ପାଦକ ଗୁରୁଦୟାଲ ହଂସ, କୃତିକର ବାଗ, ବିମଳ ଦାଶ, ପ୍ରମୋଦ ବେହେରା, ବିନୋଦ ସିଂ, ମୋହନ ସୋନି, ସମିମ୍ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢାଉଛି ଝଡ଼ବର୍ଷା

- ଖୋଲା ଆକାଶତଳେ ଧାନ
- ନଷ୍ଟ ହେବା ଆଶଙ୍କା
- ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ

**ବରଗଡ଼ ଅଫିସ୍,୨୪।୫**


ଉଦେପୁରରେ ଚାଷୀମାନେ ଅମଳ ଧାନକୁ ବସ୍ତାରେ ଭର୍ତ୍ତି କରୁଛନ୍ତି।

ବରଗଡ଼ ଜିଲାରେ ରବିଋତୁ ଧାନ ବିକ୍ରି ସମସ୍ୟା ଦିନକୁଦିନ ଜଟିଳ ହେବାରେ ଲାଗିଛି। ସୋମବାର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତିନି ସପ୍ତାହ ପୂରିବ। କିନ୍ତୁ ଧାନ କିଣାବିକା ସ୍ୱାଭାବିକ ହୋଇ ପାରିନାହିଁ। ଟୋକନ କଟକଣା ଏବଂ ଏଥିରେ ରହିଥିବା ତ୍ରୁଟି ବାଧକ ସାଜିଛି। ସେହିପରି ଲକ୍ ଡାଉନ୍ କଟକଣା ଯୋଗୁ କୃଷି ଶ୍ରମିକ ଅଭାବ ଏବଂ କାଳବୈଶାଖୀ ମଧ୍ୟ ଧାନ ଅମଳ ପ୍ରକ୍ରିୟାକୁ ପ୍ରଭାବିତ କରିଛି। ଅନ୍ୟପଟେ ଏଭଳି ସ୍ଥଳେ ସମ୍ଭାବ୍ୟ ବାତ୍ୟା ୟାସ୍ ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି।

ଚଳିତବର୍ଷ ରବି ଧାନ ଫସଲ ଭଲ ହୋଇଥିଲେ ମଧ ଝଡ଼ବର୍ଷ ଚାଷୀଙ୍କ ଆଶାକୁ ଧୂଳିସାତ୍ କରି ଦେଇଛି। ଗତ ୨ସପ୍ତାହ ମଧ୍ୟରେ ବାରମ୍ବାର ଝଡ଼ବର୍ଷା ହେବାରୁ ଧାନ ଅମଳ ପ୍ରଭାବିତ ହୋଇଛି । ଅମଳ ଧାନ କ୍ଷେତ, ଖଳାରେ ଥିବାବେଳେ ତାହା ବର୍ଷାରେ ଭିଜିଯିବାରୁ ଚାଷୀଙ୍କୁ ବାରମ୍ବାର ଖରାରେ ଶୁଖାଇବାକୁ ପଡୁଛି। ସେହି ଧାନ ନ ଶୁଖୁଣୁ ପୁଣି ବର୍ଷା ହେବାରୁ ଚାଷୀ ବହୁ କ୍ଷତି ସହୁଛି। ଏପରିକି ଚାଷୀମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଧାନ ନେଇ ପାରୁନାହାନ୍ତି। ମଣ୍ଡିକୁ ଧାନ ନେଲେ ମଧ୍ୟ ଆର୍ଦ୍ରତା ଆଳରେ ଧାନ କଟନୀଛଟନୀ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ବରଗଡ଼ ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି, ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଯୋଗୁ ଚାଷୀଙ୍କୁ କ୍ରମାଗତ କ୍ଷତି ସହିବାକୁ ପଡୁଛି। ଟୋକନ କଟକଣା ଆଳରେ ଧାନକିଣା ବିଳମ୍ବିତ କରାଯାଉଛି ଏବଂ ଶେଷରେ ଚାଷୀ ମଣ୍ଡିରେ ଧାନ ବିକି ନ ପାରି ବେପାରୀ, ମିଲର୍ସଙ୍କୁ ୩ରୁ ୪ଶହ ଟଙ୍କା କମ୍ ଦରରେ ବିକିବାକୁ ବାଧ୍ୟ ହେଉଛି । ଅନେକ ମଣ୍ଡିରେ ଧାନକୁ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ। ଫଳରେ ଝଡବର୍ଷା ହେଲେ ଚାଷୀଙ୍କ ଧାନ ନଷ୍ଟ ହେବା ସ୍ୱାଭାବିକ ବୋଲି ଚାଷୀନେତା ନିରଞ୍ଜନ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କୁ ପଚାରିବାରୁ ବାତ୍ୟା, ଘୂର୍ଣ୍ଣିଝଡ଼କୁ ଆଖିରେ ରଖି ସତର୍କ ଦୃଷ୍ଟି ରଖାଯାଇଛି। ମଣ୍ଡିରେ ଧାନକୁ ସୁରକ୍ଷିତ ରଖାଯିବା ବ୍ୟବସ୍ଥା କରାଯାଇଥିବା ବେଳେ ଚାଷୀଙ୍କୁ ମଧ୍ୟ ସେ ନେଇ ଆଗୁଆ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ବୋଲି କହିଥିଲେ ।

# ମଦ ବ୍ୟବସାୟୀଙ୍କ ଉପରୁ ଫି ଛାଡ଼କୁ ବିରୋଧ


ସୋନପୁରରେ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ସୋନପୁର,୨୪।୫(ନି.ପ୍ର.)**

ରାଜ୍ୟ ସରକାର କ୍ୟାବିନେଟ ବୈଠକରେ ମଦ ବ୍ୟବସାୟୀଙ୍କ ଉପରୁ ଗତ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଫି ଛାଡ କରିବା ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ବିରୋଧ କରିଛି। ଦଳ ପକ୍ଷରୁ ୪ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସୋମବାର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ଜିଲା ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ଶତପଥୀ, ସୁଧୀର ପଣ୍ଡା, ନିମାଇଁ ଚରଣ ପାଣିଗ୍ରାହୀ ଓ ରବି ଶଙ୍କର ଭୋଇ ଉପସ୍ଥିତ ଥିଲେ।

**ବରଗଡ଼ ଅଫିସ:** ବରଗଡ଼ ଜିଲା ଯୁବ ଓ ଛାତ୍ର କଂଗ୍ରେସ ୩ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲା। ଏହାସହିତ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ମଦ ଉପରୁ ରାଜ୍ୟ ସରକାରଙ୍କ ଟିକସ ଛାଡ଼କୁ ବିରୋଧ କରାଯାଇଛି। ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି, ଅଭିଷେକ ସେଠ, ଅମିତ ଆଚାର୍ଯ୍ୟ, ସନ୍ତୋଷ ସାହୁ, ମୁନୁ ସିଂ, ଦିବ୍ୟରଞ୍ଜନ ବାରିକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

**ନୂଆପଡ଼ା ଅଫିସ:** ନୂଆପଡା ଜିଲା ଯୁବ କଂଗ୍ରେସ, ମହିଳା କଂଗ୍ରେସ ଓ ଛାତ୍ର କଂଗ୍ରେସର ମିଳିତ ନେତୃତ୍ୱରେ ମଦ ଦୋକାନଗୁଡିକର ଲାଇସେନ୍ସ ଫି' ଛାଡକୁ ବିରୋଧ କରାଯାଇଛି। ଯୁବନେତା ଶାହରୁଖ ଖାନଙ୍କ ନେତୃତ୍ୱରେ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହୀର, ଜିଲା ଛାତ୍ର କଂଗ୍ରେସ ସଭାପତି ଅମିତାଭ ପଟେଲ, ଚନ୍ଦ୍ର ସେଖର ତାଣ୍ଡି, କୈଳାସ ବାଗ, ଜୟଦେବ ମାଝି, ପବନ ତ୍ରିବେଦୀ, ରାହୁଲ ଯାଦବ, ଅଶୋକ କୁମାର ଦଣ୍ଡସେନା, ଭୀମ ଯାଦବ, କୁଳଦୀପ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ଥାଳ ଉଠିଲା

**ବରଗଡ଼ ଅଫିସ୍,୨୪।୫**



ସିମେଣ୍ଟ ନଗର ସିଦ୍ଧେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ପାଇଁ ଅନୁଷ୍ଠିତ ଥାଳଉଠା କାର୍ଯ୍ୟକ୍ରମ।

ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗରସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପକ୍ଷରୁ ଚଳିତବର୍ଷ ଶୀତଳଷଷ୍ଠୀ ମହୋତ୍ସବ ପାଇଁ ସୋମବାର ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୀତଳଷଷ୍ଠୀ ତଥା ମନ୍ଦିର ପରିଚାଳନା କମିଟି ସଭାପତି ମନୋଜ କୁମାର ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ମା' ପାର୍ବତୀଙ୍କ ମାତାପିତା ଭାବେ ସୁରସ୍ମିତା ସାମଲ ଓ ସ୍ୱାମୀ ସୁନୀଲ ଏବଂ ଭଗବାନ ଶିବଙ୍କ ମାତାପିତା ଭାବେ ମମତା ବରାଡ଼ ଓ ସ୍ୱାମୀ ରବିନ୍ଦ୍ର ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ସମ୍ବିତ ଆଚାର୍ଯ୍ୟ, ଯଶସ୍ମିତା ଆଚାର୍ଯ୍ୟ, ମନ୍ଦିର ପରିଚାଳନା କମିଟି ସଦସ୍ୟ ମହେନ୍ଦ୍ର ଦାଶ, ଲୋକନାଥ ଆଚାର୍ଯ୍ୟ, ଡଃ ଗଣେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ମୁଖ୍ୟ ପୁରୋଧା କୁଳମଣି ମହାପାତ୍ର ଶର୍ମା, ପଣ୍ଡିତ ଧର୍ମରାଜ ମହାପାତ୍ର, ପଣ୍ଡିତ ରତ୍ନାକର ଶତପଥି ପୂଜାର୍ଚ୍ଚନା କରିଥିଲେ। କୋଭିଡ୍ ନିୟମକୁ ଆଧାର କରି ଆସନ୍ତା ଜୁନ ୧୫ତାରିଖରେ ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ବିବାହ (ଶୀତଳଷଷ୍ଠୀ) ଉତ୍ସବ ନିରାଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ନିରାଡ଼ମ୍ବର ଭାବେ ପାଳନ ହେବ ବୁଦ୍ଧ ଜୟନ୍ତୀ

**ବୁଦ୍ଧ ଜୟନ୍ତୀ ଦିନ ଜିଲାରେ ସରକାରୀ ଛୁଟି**

**ବୌଦ୍ଧ,୨୪।୫(ସ୍ୱ.ପ୍ର.)**

ଚଳିତବର୍ଷ ବୌଦ୍ଧ ଜିଲାରେ ନିରାଡମ୍ବର ଭାବେ ପାଳିତ ହେବ ବୁଦ୍ଧ ଜୟନ୍ତୀ। ଜିଲାସ୍ତରୀୟ ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ସୋମବାର ସହରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହାଛଡା ବୁଦ୍ଧ ଜୟନ୍ତୀ ଦିନ ଜିଲାରେ ସରକାରୀ ଛୁଟି ଘୋଷଣା ହୋଇଛି। ଆସନ୍ତା ୨୬ ତାରିଖ ବୈଶାଖ ପୂର୍ଣ୍ଣିମା ଦିନ ବୁଦ୍ଧ ଜୟନ୍ତୀ। ଏହି ପରିପ୍ରେକ୍ଷୀରେ କମିଟିର ଆବାହକ ଦେବାଶିଷ ପୁରୋହିତଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କରୋନା ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନର ଅନୁମତି କ୍ରମେ ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ନିରାଡମ୍ବର ଭାବେ ବୁଦ୍ଧ ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିର ହୋଇଥିଲା। ସେହିପରି ଜିଲା ପ୍ରଶାସନର ଉଦ୍ୟମ କ୍ରମେ ବୁଦ୍ଧଙ୍କ ନାମରେ ବୌଦ୍ଧ ଜିଲା ନାମିତ ହୋଇଥିବାରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ପକ୍ଷରୁ ଜିଲାରେ ସରକାରୀ ଛୁଟି ଘୋଷଣା କରାଯାଇଛି। ଏବର୍ଷ ବୌଦ୍ଧ ସହରରେ ରାଜବାଟୀ ନିକଟସ୍ଥ ବୁଦ୍ଧମୂର୍ତ୍ତି, ରାମନାଥ ମନ୍ଦିର ପରିସରରେ ଥିବା ବୁଦ୍ଧ ମୂର୍ତ୍ତି , ଶ୍ୟାମସୁନ୍ଦରପୁର ଓ ପରଗଳପୁର ଠାରେ ଥିବା ଐତିହାସିକ କିର୍ତ୍ତୀରାଜି ପରିସରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ବୁଦ୍ଧଙ୍କ ଶାନ୍ତିରଥ ଜିଲାର ବୌଦ୍ଧ ସହର ସମେତ ତିନି ଗୋଟି ବ୍ଲକରେ ପରିଭ୍ରମଣ କରିବ। ଏହି ଅବସରରେ କରୋନା ମହାମାରୀରୁ ମୁକ୍ତି ପାଇଁ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ବୁଦ୍ଧ ଜୟନ୍ତୀରେ କୌଣସି ପ୍ରକାର ହିଂସା ନ କରିବା ପାଇଁ ଜିଲାବାସୀଙ୍କୁ ନିବେଦନ କରାଯାଇଛି । ବୈଠକରେ ସତ୍ୟ ନାରାୟଣ ହୋତା, ଶଶାଙ୍କ ଶେଖର ମିଶ୍ର, ସୁଶାନ୍ତ କୁମାର ମହାପାତ୍ର, କୃତ୍ତିବାସ ପଲିଆ ପ୍ରମୁଖ ଉପସ୍ଥିତ ରହିଥିଲେ। କୋଭିଡ ନିୟମ ମାନି କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିବା କମିଟିର ଆବାହକ ପୁରୋହିତ ଜଣାଇଛନ୍ତି ।

# ମଦଭାଟିରୁ ଜରିମାନା ଆଦାୟ

**ଖଡ଼ିଆଳ, ୨୪।୫ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରିଷଗାଁ ଦେଶୀ ମଦଭାଟିରେ ଖଡ଼ିଆଳ ଆବର୍ତ୍ତନ ଦଳ ସୋମବାର ସକାଳେ ଚଢ଼ାଉ କରିଥିଲା। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମଦ ଭାଟିଠାରୁ ୧୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସକାଳୁ ମଦ କାରବାର ନେଇ ଆଖପାଖ ଗ୍ରାମର କୁଚିଆ ମଦ ବ୍ୟାପାରୀମାନେ ମଦ ପାଉଚ ସଂଗ୍ରହ ପାଇଁ ସେଠାରେ ପହଞ୍ଚି ଭିଡ଼ ଜମାଇଥିଲେ। ଖବର ପାଇ ଖଡ଼ିଆଳ ପୋଲିସ ଏଏସ୍‌ଆଇ ଅଞ୍ଜନ ଜାଲ ଏବଂ ସହ କର୍ମଚାରୀ ପହଞ୍ଚି ମଦ ଭାଟିରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୧୦ ହଜାର ଟଙ୍କା ଜରିମାନା ଆଦାୟ କରି ସାମାଜିକ ଦୂରତା ରକ୍ଷା ପାଇଁ ତାଗିଦ କରିଥିଲେ।

# ଖବରକାଗଜ ବିତରକଙ୍କୁ ସହାୟତା

**ବରଗଡ଼ ଅଫିସ୍,୨୪।୫**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ରାଜ୍ୟବ୍ୟାପୀ ଲକ୍‌ଡାଉନ୍ କଟକଣା ଲାଗୁ ହୋଇଛି। ଏଥିଯୋଗୁ ଖବରକାଗଜ ବିତରକଙ୍କ ଜୀବିକା ପ୍ରଭାବିତ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ ଏପର୍ଯ୍ୟନ୍ତ ସରକାର ସେମାନଙ୍କ ପାଇଁ କୌଣସି ସହାୟତା ଘୋଷଣା କରିନାହାନ୍ତି। ତେଣୁ ସ୍ୱେଚ୍ଛାସେବୀମାନେ ଖବରକାଗଜ ବିତରକଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଏହି କ୍ରମରେ ସୋମବାର ବରଗଡ଼ ଗାନ୍ଧୀଛକ ନବରତ୍ନ ମିଡ଼ିଆ ସମ୍ମୁଖରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ଏବଂ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଖବରକାଗଜ ବିତରକଙ୍କୁ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଏସ୍‌ପି (ସିଗ୍ନାଲ) ଅମରେନ୍ଦ୍ର ରଣା ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ପ୍ରଦୀପ ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖବରକାଗଜ ବିତରକଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ଜନକଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ ଏବଂ ରିଲାଏନ୍ସ ଫାଉଣ୍ଡେଶନର ଜିଲା ସଂଯୋଜକ ଅଶୋକ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ଜଣ ଖବରକାଗଜ ବିତରକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ଖବରକାଗଜ ବିତରକଙ୍କୁ ଅତିଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ଦାଶ ସୂଚନା ଦେଇଛନ୍ତି। ଖବରକାଗଜ ବିତରକ ସଂଘ ସଭାପତି ଜୟ ପ୍ରକାଶ କୁମ୍ଭାର, ସମ୍ପାଦକ ଅଚ୍ୟୁତ ସର, ଦେବ ନାରାୟଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।


ମୁଖ୍ୟଅତିଥି ଖବରକାଗଜ ବିତରକଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ପୋଲିସ କବ୍‌ଜାରେ ୩ ଲୁଟେରା

- **ଟଙ୍କା ଲୁଟ୍, କନିଷ୍ଠ ଯନ୍ତ୍ରୀ ଅପହରଣ ଉଦ୍ୟମ ଘଟଣା**
- ଫିଲ୍ମ ଷ୍ଟାଇଲରେ କରିଥିଲେ ଲୁଟ୍
- ଲୁଟ୍ ଟଙ୍କା ଜବତ ହୋଇନାହିଁ

**ବଲାଙ୍ଗୀର ଅଫିସ, ୨୪।୫**

ବଲାଙ୍ଗୀର ସହରରେ ରବିବାର ଏକ ନାଟକୀୟ ଘଟଣାକ୍ରମରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଅପହରଣ ଉଦ୍ୟମ ଓ ଅନ୍ୟ ୩ ଜଣ ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ସମ୍ପର୍କରେ ରବିବାର ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ୨୪ ଘଣ୍ଟା ନପୂରୁଣୁ ବଲାଙ୍ଗୀର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚିମିନିଭାଟିପଡାର ରାହୁଲେଶ୍ୱର ପ୍ରଧାନ(୨୧), ବ୍ରାହ୍ମଣପଡାର ରୁବୁଲ ସ୍ୱାଇଁ (୨୦) ଓ ଠିକାଦାରପଡାର ଅମରେଶ ନାୟକ (୧୯) । ଏହି ତିନିଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ନିତିନ୍ କୁଶଲକର ସୋମବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି ।

ବଲାଙ୍ଗୀର ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଜଗରଥି ପ୍ରଧାନ ରବିବାର ଅପରାହ୍ଣରେ ଟଙ୍କା ଉଠାଇବା ପାଇଁ ବରପାଲିପଡା ଏଟିଏମ୍‌କୁ ଯାଇଥିଲେ। ସେଠାରେ ଟଙ୍କା ଉଠାଇବାବେଳେ ୪ ଜଣ ଅଭିଯୁକ୍ତ ଦୁଇଟି ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିଥିଲେ । ଜଣେ ଅଭିଯୁକ୍ତ କାର ଚଳାଇ କନିଷ୍ଠ ଯନ୍ତ୍ରୀ ପ୍ରଧାନଙ୍କୁ ଅପହରଣ କରିନେଇ ଯାଉଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ବାଇକ୍‌ରେ ପିଛା କରୁଥିଲେ । କନ୍ଧପାଲିପଡା ଛକ ନିକଟରେ ସାମ୍ନା ପଟରୁ ଆସୁଥିବା ଏକ ସୁଇଫ୍ଟ କାର ସହ ଏହି କାରର ମୁହାଁମୁହିଁ ଧକ୍କା ସ୍ଥିତି ଉପୁଜିଥିଲା। ଏଥିରେ ଉଦ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ସାମ୍ନାପଟ କାରରେ ବସିଥିବା ୩ଜଣ ଯୁବକଙ୍କ ସହ ଯୁକ୍ତିତର୍କ ଲାଗିଥିଲେ। ଏତିକି ବେଳେ କନିଷ୍ଠ ଯନ୍ତ୍ରୀ ପ୍ରଧାନ ବସିଥଇବା ତାଙ୍କ କାରରୁ କୌଶଳକ୍ରମେ ଖସି ଆସି ଟାଉନ୍ ଥାନାରେ ପହଞ୍ଚିଥିଲେ । ତେବେ ଅଭିଯୁକ୍ତମାନେ ସାମ୍ନାପଟ କାରରେ ଥିବା ତିନିଜଣ ଯୁବକଙ୍କଠାରୁ ୧ ଲକ୍ଷ ୮୫ ହଜାର ଟଙ୍କା ଓ ୩ଟି ମୋବାଇଲ ଲୁଟି ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଠିକାଦାରପଡାର ବ୍ୟବସାୟୀ ତୁଷାର ବ୍ୟାସଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୨୯୬/୨୧) ଓ କନିଷ୍ଠ ଯନ୍ତ୍ରୀ ପ୍ରଧାନଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା(ନଂ.୨୯୭/୨୧) ଟାଉନ୍ ପୋଲିସ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏସ୍‌ପି କୁଶଲକର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ ନିର୍ଦ୍ଦେଶ ଦେଇଥିଲେ । ଅଭିଯୁକ୍ତମାନେ ଲୁଟି ନେଇଥିବା ମୋବାଇଲ ଫୋନ୍‌ଲୋକେସନ୍‌ରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ରବିବାର ରାତି ସୁଦ୍ଧା ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଥିଲା । ତେବେ ଲୁଟ୍ କୁହାଯାଇଥିବା ୧ ଲକ୍ଷ ୮୫ ହଜାର ଟଙ୍କା ସମ୍ପର୍କରେ ତଥ୍ୟ ଜଣାପଡିନାହିଁ। ସୋମବାର ପୋଲିସ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଉଛି ।


अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners AIIMS Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar



**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON-BBS-T-331E, ତା.19.05.2021ରିଖ
**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ ସୋନପୁର ଠାରୁ ବୌଦ୍ଧ ରେଲ ଷ୍ଟେସନ ମଧ୍ୟରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ (33KV/11KV/LT) ଗୁଡ଼ିକର ରୂପାନ୍ତରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 567.58 ଲକ୍ଷ,
**କାର୍ଯ୍ୟ ଶେଷ ହେବା ଅବଧି :** 12 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.06.2021 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଯେଉଁଥିରେ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-15/CE/21-22



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.**
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ
**(ଘୋଷଣା)**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଚାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଚାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଡା, ମିଞ୍ଚାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଇ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।
ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ